# ନୃସିଂହନାଥରେ ପ୍ରକୃତି ପରିଚୟ କର୍ମଶାଳା



**ପାଇକମାଲ, ୧୧।୨(ସମିସ):** ନୃସିଂହନାଥ ପ୍ରକୃତି ନିବାସରେ ପ୍ରକୃତି ପରିଚୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପରିବେଶ ସୁରକ୍ଷା ମଞ୍ଚର ସମ୍ପାଦକ ମୀନକେତନ ସାହୁ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ଭୁବନେଶ୍ୱର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିର ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ, ସମ୍ମାନୀତ ଅତିଥି ଭାବେ ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ ଯୋଗ ଦେଇଥିଲେ। ବିଶ୍ୱ ଉତ୍ତାପନ, ଜଳ ବାୟୁ ପରିବର୍ତ୍ତନ, ଜୈବ ବିବିଧତା, ଜଙ୍ଗଲ ନିଆଁ ନିରାକରଣ, ଔଷଧୀୟ ବୃକ୍ଷଲତାର ଚିହ୍ନଟ ଓ ପ୍ରୟୋଗ ଉପରେ ଅତିଥିଗଣ ମତ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଶ୍ରୀ ଶ୍ରୀ ସଂସ୍କୃତ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଭୂତି ଭୂଷଣ ମୁଣ୍ଡ ଛାତ୍ରଛାତ୍ରୀ ଏବଂ ପାଇକମାଲ ଓ ନୃସିଂହନାଥର ଜଙ୍ଗଲ କର୍ମଚାରୀଙ୍କୁ ବିଭିନ୍ନ ଔଷଧୀୟ ବୃକ୍ଷଲତା ଚିହ୍ନଟ କରି ବୃକ୍ଷଗୁଡ଼ିକର ଔଷଧୀୟ ଗୁଣ ବିଷୟରେ ବୁଝାଇଥିଲେ। ନୃସିଂହନାଥ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଶେଷରେ ବନପାଳ ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କୁଲିଆରୀରେ ସଚେତନତା କାର୍ଯ୍ୟକ୍ରମ



**ଗାଇସିଲେଟ, ୧୧।୨(ସମିସ):** କଟାବାହାଲ ପଞ୍ଚାୟତ କୁଲିଆରୀ ଗ୍ରାମରେ ଭିବି-ଜି ରାମ ଜୀର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏପିଓ କେତନ ପଧାନଙ୍କ ନେତୃତ୍ୱରେ ଏବିଡ଼ିଓ ଭିଷ୍ମଦେବ ମାଝୀ, ଜିପିଓ ବିନୟ ବେହେରା, ପିଇଓ କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ଥିଲେ।

# କୁନ୍ତଳା କୁମାରୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମେଲଛାମୁଣ୍ଡା, ୧୧।୨ (ସମିସ):** ମେଲାଛାମୁଣ୍ଡା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁନ୍ତଳା କୁମାରୀ ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ଚନ୍ଦ୍ରଭାନୁ ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସେଠ୍, ପୂର୍ବତନ ପ୍ରଧାନ ଶିକ୍ଷକ ବାଳମକୁନ୍ଦ ସାହୁ, ଖେଳ ଶିକ୍ଷକ ସଞ୍ଜୀବ ନାୟକ, ଜିତେନ୍ଦ୍ରୀୟ ସାହୁ, ଅନଙ୍ଗ ଜେନା, ସୁକୃତା ସୁନା, ଶ୍ରୀବତ୍ସ ରାଜ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।

# କ୍ରୀଡ଼ାଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଭେଡେନ, ୧୧।୨(ସମିସ):** କୁବେଡେଗା ପଞ୍ଚାୟତ ହାଇସ୍କୁଲରେ ଭେଡେନ ବ୍ଲକର ୪ ଜଣ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ ଉତ୍ତମ ହୋତା, ପ୍ରଶାନ୍ତ ପଣ୍ଡା, କୈଳାସ ଚନ୍ଦ୍ର ବଘାର ଏବଂ ଗୁରୁଦେବ ତ୍ରିପାଠୀଙ୍କୁ ବ୍ଲକ କ୍ରୀଡା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ, ଜଗନ୍ନାଥ ଦାଶ, ଆବାହକ ତଥା ସମ୍ପାଦକ ବିଜୁଳି ବତୀ ଦଲେଇ, ଶିକ୍ଷକ ରାଜେନ୍ଦ୍ର ସାହୁ, ଶ୍ରବଣ ସାହୁ, ସୁବ୍ରତ ତନସନା, ଦେବାନନ୍ଦ ଭୋଇ, ଋଷଭ ହୋତା, ପ୍ରମୋଦ ଦାଶ (ଭାରପ୍ରାପ୍ତ ପ୍ରଧାନଶିକ୍ଷକ), ଶିକ୍ଷକ ପର୍ଶୁରାମ ପାତ୍ର, ଜନାର୍ଦ୍ଦନ ଦାଶ, ଭେଡେନ ନୋଡାଲ ପ୍ରଧାନଶିକ୍ଷକ ରଞ୍ଜନ ନାୟକ, ଖଗେଶ୍ୱର ପ୍ରଧାନ, ପ୍ରସନ୍ନ ନାୟକ, ପ୍ରମୋଦ ଦାଶ, ବୃନ୍ଦାବନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜକୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା କ୍ରୀଡ଼ା ଶିକ୍ଷକ ଉମାକାନ୍ତ ସୁନା, ପ୍ରକାଶ ବେହେରା, ଅଞ୍ଜନ ପ୍ରଧାନ ଓ ସୁକଦେବ ତାଣ୍ଡିଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ୟାମସୁନ୍ଦର ଭୋଇ, ହୃଦାନନ୍ଦ ମଲ୍ଲିକ, ଗୁଣବନ୍ତ ସାହୁ, ସୁବ୍ରତ ତନସନା, ସୁଦାମ ଭୋଇ, ଅଶ୍ୱିନୀ ବରିହା, ଦାମୋଦର ଚିନ୍ଦ୍ରା, ରାମେଶ୍ୱର ମାଝୀ, ରୁଦ୍ର ନାରାୟଣ ଦାଶ, ସଞ୍ଜୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳିତ, ଆଦିବାସୀଙ୍କ ଉପରେ ଅତ୍ୟାଚାରକୁ ବିରୋଧ

**ବରଗଡ଼, ୧୧।୨(ସମିସ)**




ବରଗଡ଼ ଘୁଲିପାଲି ଆମ୍ବେଦକର ଛକ ନିକଟ ପଡ଼ିଆରେ ଭୀମଆର୍ମିର ଏକ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ଏକତା ମିଶନ ବରଗଡ଼ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା। ଦଳିତ, ଆଦିବାସୀଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରାଯାଇଛି। ତେବେ ପୂର୍ବରୁ ବରଗଡ଼ ଏସପି ଅଫିସ ଘେରଓ ଏବଂ ଗଣଧାରଣା ଲାଗି ଆହ୍ୱାନ ଦିଆଯାଇଥିଲା; କିନ୍ତୁ ଏହି କାର୍ଯ୍ୟକ୍ରମ ପାଇଁ ବରଗଡ଼ ପୁଲିସ ପ୍ରଶାସନ ଅନୁମତି ଦେଇ ନ ଥିଲା। ଶେଷରେ ଘୁଲିପାଲି ଆମ୍ବେଦକର ଛକରେ ସଭା ହୋଇଥିଲା।

ବରଗଡ଼ ଜିଲ୍ଲାରେ ଗତ୫ ବର୍ଷରେ ୧୦୦ରୁ ଅଧିକ ଏସିଏସଟି ଏଟ୍ରୋସିଟି ମାମଲା ରୁଜୁ ହୋଇଛି। ଜିଲ୍ଲାରେ ବାରମ୍ବାର ଦଳିତ ଆଦିବାସୀଙ୍କ ଉପରେ ଅତ୍ୟାଚାର ହେଉଛି। ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ଜିଲ୍ଲାରେ ଦଳିତ ଆଦିବାସୀଙ୍କ ବିରୋଧରେ ହୋଇଥିବା ମୁଖ୍ୟତ ୨୩ଟି ଘଟଣାକୁ ନେଇ ଏହି ଜରୁରୀକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏହା ସହ ଜିଲ୍ଲାରେ ନିଶା କାରବାର ଯୋଗୁଁ ଅନେକ ହତ୍ୟାକାଣ୍ଡ ଘଟୁଛି। ଏହି ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଯୋଗୁଁ ବରଗଡ଼ ଏସପିଙ୍କ ବଦଳି ପାଇଁ ମଧ୍ୟ ଭୀମ ଆର୍ମି ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଭୀମଆର୍ମି ଭାରତ ଏକତା ମିଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୟ ରତ୍ନ ସିଂ, ଭୀମ ଆର୍ମି ଓଡ଼ିଶା ରାଜ୍ୟସଭାପତି ଲଙ୍କେଶ ରାବଣ, ଭୀମ ଆର୍ମି ଓଡ଼ିଶା ଜେନେରାଲ ସେକ୍ରେଟାରୀ ଜଗଜୀବନ କୁମାର, ଭୀମଆର୍ମି ବରଗଡ଼ ଜିଲ୍ଲା ସଭାପତି ସୁରଥ ନାଗ, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ସୁନା, ଜିଲ୍ଲା ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ୍, ଜିଲ୍ଲା ଉପ ସଭାପତି ବାଲ୍ମମୁକୁନ୍ଦ ଜଗଦଲା, ସଂଯୋଜକ ଅନ୍ତର୍ଯ୍ୟାମୀ ଗଡ଼ିଆ, ଯୁଗ୍ମ ସଚିବ ବସନ୍ତ କୁମ୍ଭାର, ପଶ୍ଚିମ ଓଡ଼ିଶା ସଭାପତି ରୋହିତ ବାଗ୍, ଅତାବିରା ଉପସଭାପତି ବାବଲୁ ଭେଷରା, ବରଗଡ଼ ବ୍ଲକ କାର୍ଯ୍ୟକାରୀ ସଭାପତି ସମ୍ପତି କୁମ୍ଭାର, ପଦ୍ମପୁର ବ୍ଲକ ସଭାପତି ଅଜୟ ଛତର, ପଦ୍ମପୁର ବ୍ଲକ ଉପସଭାପତି ଜଗଦୀଶ ମହାନନ୍ଦ, ଅତାବିରା ଜୋନ ସଭାପତି ଟିଙ୍କୁ ଉଗର, ଭେଡେନ ବ୍ଲକ ସଭାପତି ହିମାଂଶୁ, ଜିଲ୍ଲା ସୋସିଆଲ ମେଡ଼ିଆ ସଂଯୋଜକ ପିଣ୍ଟୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅନିଲ ମଲ୍ଲିକ, ଲବ ସୁନା, ଅବିନାଶ ବାଗ୍, ପୁରନ୍ଦର ଭୋସାଗର, କୀର୍ତ୍ତି ମହାନନ୍ଦ, ପିଣ୍ଟୁ ମହାନନ୍ଦ, ସୁଶାନ୍ତ ତାଣ୍ଡି, ଅଜୟ ରାଉତିଆ, ନିରନ ଛତର, ରୋହିତ, ଯୁଧିଷ୍ଠିର ବିଭାର, ଅଚ୍ୟୁତ ସର ପ୍ରମୁଖ ଯୋଗ ଦେଇଥିଲେ।

# ରାଣା ପ୍ରତାପ ସ୍କୁଲରେ ପରୀକ୍ଷା ପାଇଁ ଚର୍ଚ୍ଚା କାର୍ଯ୍ୟକ୍ରମ



**ବରଗଡ଼, ୧୧।୨ (ସମିସ):** ବରଗଡ଼ ପୌର ପରିଷଦ ଅଧୀନ ରାଣା ପ୍ରତାପ ସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ତରଫରୁ ଆଶୀର୍ବାଦ ଉତ୍ସବ ଓ ପରୀକ୍ଷା ପାଇଁ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ ଓ ସୁଦର୍ଶନ ବାରିକ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ କିପରି ମାଟ୍ରିକ ପରୀକ୍ଷାରେ ଚାପମୁକ୍ତ ହୋଇ ସମ୍ମୁଖୀନ ହେବେ ସେ ବିଷୟରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସନ୍ଦେହ ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମନରେ ରହିଥିବା ବିଭିନ୍ନ ସନ୍ଦେହକୁ ଶିକ୍ଷକ ଶିକ୍ଷୟିତ୍ରୀ ସମାଧାନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ପଞ୍ଚାୟତ କଲେଜରେ କର୍ମଶାଳା




**ବରଗଡ଼, ୧୧।୨(ସମିସ):** ବରଗଡ଼ ପଞ୍ଚାୟତ କଲେଜରେ ସୁରକ୍ଷିତ ଇଣ୍ଟରନେଟ ଦିବସ ଅବସରରେ କୃତ୍ରିମ ବୁଦ୍ଧିମତାର ସୁରକ୍ଷା ଏବଂ ଦାୟିତ୍ୱଶୀଳ ବ୍ୟବହାର ବିଷୟରେ ଏକ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡା. ନକୁଳ ସେଠ ଅଧ୍ୟକ୍ଷତା କରିଥିଲେ। ଡା. କିଶୋର ନାୟକ ଓ ଗଣେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

# ପ୍ରବୋଧନ ପ୍ରଶିକ୍ଷଣ ଶିବିର

**ବରଗଡ଼, ୧୧।୨(ସମିସ):** ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଭିନ୍ନ ପର୍ଯ୍ୟାୟରେ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ତୋରା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଶିବିର ଗତ ୭ ତାରିଖରୁ ଆରମ୍ଭ ହୋଇଥିଲା। ବୁଧବାର ଉଦ୍‌ଯାପିତ ହୋଇଛି। ତୋରାରେ ଅନୁଷ୍ଠିତ ଏହି ଶିବିରରେ ୧୦୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଲତିକା ମଞ୍ଜରୀ ବଗର୍ତ୍ତି, ଭବାନୀଶଙ୍କର ପ୍ରଧାନ, ଡିଲେଶ୍ୱର୍ ଖମାରୀ, ମଧୁସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ରାଣୀ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



# ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପଦ୍ମପୁର, ୧୧।୨(ସମିସ):** ପଦ୍ମପୁର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଚି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର ସଭାପତିତ୍ୱ କରିଥିଲେ। ଓସେପାର ପୂର୍ବତନ ଜଏଣ୍ଟ ଡାଇରେକ୍ଟର ପ୍ରକାଶ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଲଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାନସ ରଞ୍ଜନ ଶତପଥୀ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ପୂଜାରାଣୀ ନାୟକ, ରବୀନା ପଧାନ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ପ୍ରଭାତ ସାହୁ, ଖୁସବୁ ବରିହା, ଅମନ୍ ପଣ୍ଡା, ଜ୍ୟୋତିରେଖା ମହାନନ୍ଦ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ସୁଷମା ଦାଶ ପିଲାଙ୍କୁ ଭଲ ମଣିଷ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହଯୋଗ କରିଥିଲେ।

## ସକାଳ ପ୍ରଭାବ

### ଖବର ପ୍ରକାଶ ପରେ ସଚଳ ହେଲା ଷ୍ଟେଟ ବ୍ୟାଙ୍କ ଏଟିଏମ୍

**ଝାରବନ୍ଧ, ୧୧।୨(ସମିସ):** ଝାରବନ୍ଧ ମୁଖ୍ୟାଳୟରେ ଥିବା ଏକମାତ୍ର ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଶେଷରେ କାର୍ଯ୍ୟକ୍ଷମ ହୋଇଛି। ୪୫ ଦିନ ଧରି ଏହା ବନ୍ଦ ରହିଥିଲା। ଗ୍ରାହକମାନେ ହଇରାଣ ହେଉଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏଟିଏମ୍ ଚାଲୁ ହେବା ପରେ ସ୍ଥାନୀୟ ଲୋକ ଖୁସି ବ୍ୟକ୍ତ କରିଛନ୍ତି।

### ସଂଘମିତ୍ରା ପଟେଲ ସମ୍ମାନିତ

**ବରଗଡ଼, ୧୧।୨(ସମିସ):** ବରଗଡ଼ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଶ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ ଭୁବନେଶ୍ୱର ମହିଳା କମିଶନର କାର୍ଯ୍ୟାଳୟରେ ସମ୍ମାନିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା କମିଶନର ମୁକ୍ତା ସାହୁ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଉପସ୍ଥିତିରେ ସେ ସମ୍ମାନିତ ହୋଇଥିଲେ।

### ଉର୍ମିଳା ବିଶ୍ୱାଳଙ୍କ ପରଲୋକ

**ଅତାବିରା, ୧୧।୨(ସମିସ):** ହିର୍ଲିପାଲି ପଞ୍ଚାୟତ ଡୁମ୍ବେରପାଲିର ସିଂହପାଲି ୟୁଜିଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା



ବିଶ୍ୱାଳ(୭୮)ଙ୍କ ପରଲୋକ ଘଟିଛି। ତାଙ୍କ ଗୋଡ଼ ଭାଙ୍ଗିଯିବାରୁ ସେ ବୁର୍ଲାର ଏକ ନର୍ସିଂହୋମରେ ୮ ଦିନ ତଳେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଗାଁରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ସୁବାଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଶୋକ ପ୍ରକାଶ କରିଛନ୍ତି।

### ମାଟ୍ରିକ ପରୀକ୍ଷା ପାଇଁ ଝାରବନ୍ଧରେ ପ୍ରସ୍ତୁତି

**ଝାରବନ୍ଧ, ୧୧।୨(ସମିସ):** ମାଟ୍ରିକ ପରୀକ୍ଷା ପାଇଁ ଝାରବନ୍ଧ ବ୍ଲକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ଏହି ବ୍ଲକରୁ ମୋଟ ୮୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ବ୍ଲକର ୫ଟି କେନ୍ଦ୍ରରେ ପରୀକ୍ଷା ଆୟୋଜନ ହେବ। ଜଗଦଳପୁର ହାଇସ୍କୁଲରେ ୧୭୨ ଜଣ, ଡଭା ହାଇସ୍କୁଲରେ ୨୨୪ ଜଣ, ଭଣ୍ଡାରପୁରୀ ହାଇସ୍କୁଲରେ ୧୫୯ ଜଣ, ଝାରବନ୍ଧ ହାଇସ୍କୁଲରେ ୧୪୮ ଜଣ ଏବଂ ବିଜାଡୋଲ ହାଇସ୍କୁଲରେ ୧୬୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଓ ନିୟମାନୁସାରେ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ସୁରକ୍ଷା, ନିରୀକ୍ଷଣ ଓ ପ୍ରାଥମିକ ସୁବିଧା ସୁନିଶ୍ଚିତ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି।

## ମାଣ୍ଡୋସିଲ କପ୍ ଉଦ୍‌ଘାଟିତ

# ଝିଟିକିକୁ ହରାଇ ସେମିରେ ଭେରୁଆମୁଣ୍ଡା

**ପାଇକମାଲ, ୧୧।୨(ସମିସ)**



ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ୨୬ତମ ମାଣ୍ଡୋସିଲ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ମାଣ୍ଡୋସିଲ ସରପଞ୍ଚ ଓମପ୍ରକାଶ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାଂସଡା ଓ ଛିନ୍ଦେଇକେଲା ମଧ୍ୟ ଉଦଘାଟନୀ ମ୍ୟା୍ ହୋଇଥିଲା। କାଂସଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭେରୁଆମୁଣ୍ଡା ଓ ଭୁତମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଭେରୁଆମୁଣ୍ଡା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଭେରୁଆମୁଣ୍ଡା ଓ କାଂସଡା ମଧ୍ୟରେ ହୋଇଥିଲା। ଏଥିରେ ଭେରୁଆମୁଣ୍ଡା ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚ ଝିଟିକି ଓ ପୁରେନା ମଧ୍ୟରେ ହୋଇଥିଲା। ଏଥିରେ ଝିଟିକି ବିଜୟୀ ହୋଇଥିଲେ। ଝିଟିକି ଓ ଭେରୁଆମୁଣ୍ଡା ମଧ୍ୟ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭେରୁଆମୁଣ୍ଡା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଥିଲା। ଦେବ ସିଂ ଭରାସାଗର, ହେମାନନ୍ଦ ବିଶ୍ୱାଳ, ନରେଶ ବିଶ୍ୱାଳ ଓ ଅଶୋକ ବାରିକ ଅମ୍ପାୟାର ଥିଲେ। ବିଜୟ ବରିହା ସ୍କୋରର ଥିବା ବେଳେ ଦୁଃଖିଶ୍ୟାମ ସରିଆ ଓ ମନୋରଞ୍ଜନ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଲଳିତ ଜଗତ, ଗୋକୁଳ ବିଶ୍ୱାଳ, ଗୋବର୍ଦ୍ଧନ ଭୋଇ, ଅନିଲ ଦାଶ, ନିର୍ମଳ ନାୟକ, ବେଦବ୍ୟାସ ପୁଟା, ରାଜୁ ପୁଟା, ମହେଶ ନାୟକ, ସହଦେବ କାରେ, ବିକେଶ ବିଶ୍ୱାଳ, ଟିକେଶ ବିଶ୍ୱାଳ, ସୁରେଶ ବିଶ୍ୱାଳ, ଆକାଶ ବିଶ୍ୱାଳ, ସୋନୁ ପଟେଲ, ମୁକେଶ ବିଶ୍ୱାଳ, ଚନ୍ଦନ ସେଠ, ଦାମୋଦର ରଣା, ମନୋଜ କୁମ୍ଭାର, ସୁଧିର ବିଶ୍ୱାଳ, ମହେନ୍ଦ୍ର ଶବର, ଲୋକନାଥ ନାୟକ, ଦୁଷ୍ମନ୍ତ ସାହୁ, ତାପସ ରଞ୍ଜନ ସାହୁ, ମାନସ ନାୟକ, ଦୀପକ ମାଝୀ, ଯୋଗେଶ ନାୟକ, ରାଜୁ ଦାସ, ଭକ୍ତ ବିନାଟ, ଯୋଗେଶ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମୁଣ୍ଡେଲା ମା' ମାଉଲି ଫୁଟ୍‌ବଲ୍ କପ୍

# ସମ୍ବଲପୁରୀକୁ ହରାଇ ବରଭଟା ଚାମ୍ପିଅନ



**ପାଇକମାଲ, ୧୧।୨(ସମିସ):** ମାଣ୍ଡିଆଡ଼ିପା ପଞ୍ଚାୟତର ମୁଣ୍ଡେଲାରେ ୩ ଦିନ ଧରି ଚାଲିଥିବା ୧୮ତମ ମା' ମାଉଲି ଫୁଟ୍‌ବଲ୍ କପ୍ ଉଦ୍‌ଯାପିତ ହୋଇଛି। ଫାଇନାଲ୍ ମ୍ୟାଚ୍ ବରଭଟା ଓ ସମ୍ବଲପୁରୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର ନ ହେବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ବରଭଟା ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପାଇକମାଲ ବ୍ଲକ ଯୁବ ବିଜେଡି ସଭାପତି ଗୌତମ ସିଂ ଓ ସମ୍ମାନିତ ଅତିଥି ଭାବେ ରାଜୀବ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ କ୍ଷମା ପଟେଲ, ସୁଦାମ ରଣା, ଯଶୋବନ୍ତ ପ୍ରଧାନ, ନରେଶ ପ୍ରଧାନ, କରୁଣାକର ସାହୁଙ୍କ ସମେତ ମୁଣ୍ଡେଲା ଗ୍ରାମବାସୀ ସହଯୋଗ କରିଥିଲେ।

## ପୁଡ଼ାଡିହି ବିଟ୍‌ରେ ଦନ୍ତା ମୃତ



**ଜମନକିରା, ୧୧ ।୨(ସମିସ):** ବାମରା ଡିଭିଜନ ବଡ଼ରମା ରେଞ୍ଜ ପୁଡ଼ାଡିହି ବିଟ୍‌ରେ ଏକଦନ୍ତା ହାତୀର ମୃତ୍ୟୁ ଘଟିଛି। ହାତୀଟି ଏକ ଛୋଟ ନାଳରେ ପଡ଼ି ମରିଥିବା ବନବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସମୟରେ ହାତୀ ମରିଥିବା ବନବିଭାଗ ଜାଣିଥିଲେ। ଘଟଣାସ୍ଥଳରେ ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ, ବଡରମା ରେଞ୍ଜର ଗିରୀଧାରି ପ୍ରଧାନ, ଖଳାଶୁଣି ରେଞ୍ଜର ମହେନ୍ଦ୍ର କୁମାର ସାହୁ, ଭୁତେଲ ଫରେଷ୍ଟର ସନ୍ତୋଷ ବାଘ ସହ ବଡ଼ରମା, ଜମନକିରା ଓ ଖଲାସୁନି ରେଞ୍ଜ ସମସ୍ତ ଫରେଷ୍ଟର ସହ ଫରେଷ୍ଟ ଗାର୍ଡ, ଗଜସାଥୀ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ହାତୀର ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

## ବଡ଼ମାଲ ସେବାଶ୍ରମର ବାର୍ଷିକ ଉତ୍ସବ




**ରେଢ଼ାଖୋଲ, ୧୧ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବୁର୍ଡ଼ା ପଞ୍ଚାୟତ ଅଧୀନ ବଡ଼ମାଲ ସେବାଶ୍ରମଠାରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ଉପଖଣ୍ଡର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜିତେନ୍ଦ୍ର କୁମାର ମଲିଆ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପରମେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ଶିବମୋହନ ପ୍ରଧାନ, ପ୍ରଣବ କିଶୋର ପ୍ରଧାନ, ପ୍ରଶାନ୍ତ ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷିନୀ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମୁକ୍ତା ଅଦାବର ମଞ୍ଚ ପରିଚାଳନା କରିଥିଲେ। ବିଶେଷ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ସେବା ଶକ୍ତି ଟ୍ରଷ୍ଟର ସାଂଗଠନିକ ବୈଠକ




**ପଦ୍ମପୁର, ୧୧ ।୨(ସମିସ):** ପଦ୍ମପୁରରେ ଯୁବ ସେବା ଶକ୍ତି ଟ୍ରଷ୍ଟର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶକ୍ତି ମହାନ୍ତି ଏଥିରେ ସଂଯୋଜନା କରିଥିଲେ। ପଦ୍ମପୁର ବ୍ଲକର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବୀରେନ୍ଦ୍ର ବିଶ୍ୱାଳ ଟ୍ରଷ୍ଟର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରିଥିଲେ। ଟ୍ରଷ୍ଟର ଉପଦେଷ୍ଟା ଗିରିଧାରୀ ପୁରୋହିତ କହିଲେ ଯେ, ଗାଁର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ସଂଗଠନରେ ଶକ୍ତି ଅଛି। ଗାଁର ଯୁବକମାନେ ଏକତ୍ରିତ ଚେଷ୍ଟା କଲେ ଗାଁର ବିକାଶ ହୋଇପାରିବ ବୋଲି ମତାମତ ଦେଇଥିଲେ। ବୈଠକରେ ଉପଦେଷ୍ଟା ହିତବନ୍ଧୁ ପୂଜାରୀ, ବିଜେପୁର ବ୍ଲକ ସଭାପତି ଅଚ୍ୟୁତ ଦାଶ, ବରଗଡ଼ ବ୍ଲକ ସଭାପତି ମାନସ ପଧାନ, ବରଗଡ଼ ନଗର ସଭାପତି ଶୁଭେନ୍ଦୁ ଦାଶ, ବ୍ଲକ ଉପଦେଷ୍ଟା କେତନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମପୁର ନଗର ସଭାପତି ଅଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ସମ୍ମିଳନୀ




**ବରପାଲି, ୧୧ ।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଖଣ୍ଡସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଭକ୍ତମାନଙ୍କ ଦ୍ୱାରା ସଂକୀର୍ତ୍ତନ ମଣ୍ଡଳି ଓ ହିନ୍ଦୁପ୍ରେମୀଙ୍କ ସହିତ ପରିକ୍ରମା ମାଧ୍ୟମରେ ଶିଶୁ ମନ୍ଦିରରେ ପହଞ୍ଚିଥିଲେ। ପରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ସହ ଦୀପ ପ୍ରଜ୍ୱଳନ ପୂର୍ବକ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଦଧିବାବନ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଲିଟିଲ୍ ଏଞ୍ଜେଲ୍ସ୍ ପବ୍ଲିକ ସ୍କୁଲ ପରିଚଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁର୍ଗାପ୍ରସାଦ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଦେବାନନ୍ଦ ଖଟୁଆ ଓ ଆଦିତ୍ୟ କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବରଗଡ଼ରେ ଆଜିଠୁ ଜୋରଦାର ଧରପଗଡ଼

**ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନା**

**ବରଗଡ଼, ୧୧ ।୨(ସମିସ)**

ବରଗଡ଼ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ନିଶାମୁକ୍ତ ବରଗଡ଼ ଗଠନ ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ବୈଠକ ବସିଥିଲା। ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଲିସ ପ୍ରଶାସନ, ଅବକାରୀ ବିଭାଗ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗୁରୁବାରଠାରୁ ଜୋରଦାର ଚେକିଂ ହେବ। କୌଣସି ପ୍ରକାରର ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଏଥିରେ ନିଷ୍ପତ୍ତି ହୋଇଛି। ସହର ତଥା ସହର ବାହାରେ ଘଟୁଥିବା ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ରଖିବା ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ କଡା ନିର୍ଦ୍ଦେଶ ଦେଇଛନ୍ତି। ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକ, ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ, ବରପାଲି ତହସିଲଦାର ରୁକ୍ମଣ ମେହେର, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇ, ଉଟଲି ତହସିଲଦାର ରାମକୃଷ୍ଣ ମିଶ୍ର, ଅତାବିରା ତହସିଲଦାର କେ ରିଚି କୁମାର, ବରଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ ସାହୁ, ଡ୍ରଗସ ଇନ୍ସପେକ୍ଟର ପ୍ରସନ୍ନଜିତ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଥିଲେ। ଗୁରୁବାରଠୁ ପ୍ରତିଦିନ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜାଗାରେ ଚେକିଂ ହେବ। ଅସାମାଜିକ ତଥା ଅପରାଧିକ କାର୍ଯ୍ୟକଳାପରେ ଯଦି କେହି ବି ଲିପ୍ତ ଥିବେ ତାଙ୍କ ଉପରେ ସଙ୍ଗେ ସଙ୍ଗେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି। ସେହିଭଳି କଳାପାଣି ଛକରୁ ଆମ୍ବାପାଲି, ପଥର୍ଲା ମିଲ୍ ଛକ ଯାଏ ରାତି ୧୦ଟା ପରେ ଦୋକାନ ବଜାର ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି।



**ରାତି ୧୦ଟା ପରେ ଦୋକାନ ବଜାର ବନ୍ଦ ନିଷ୍ପତ୍ତି**

## ନୂତନ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର



**ବରଗଡ଼, ୧୧ ।୨(ସମିସ):** ବରଗଡ଼ ସହରର ସୁପର ମାର୍କେଟ ପରିସରରେ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ନଡ଼ିଆ ବାଡେଇ ଶୁଭ ଦେଇଛନ୍ତି। ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲେ ବ୍ୟବସାୟୀମାନେ ସୁବିଧାଜନକ ପରିବେଶରେ ବ୍ୟବସାୟ କରିପାରିବେ। ଗ୍ରାହକମାନେ ମଧ୍ୟ ଉତ୍ତମ ସୁବିଧା ପାଇବେ। ଏହା ବରଗଡ଼ ସହରରେ ବ୍ୟବସାୟିକ ଓ ଆର୍ଥିକ କ୍ରିୟାକଳାପକୁ ଆହୁରି ସକ୍ରିୟ କରିବ ବୋଲି ବିଧାୟକ କହିଛନ୍ତି। ଏଥିଲାଗି ୩ କୋଟି ୩୭ ଲକ୍ଷ ୬୨ ହଜାର ୯ ୬୧ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ, ନିୟନ୍ତ୍ରିତ ବଜାର କମିଟିର ସେକ୍ରେଟାରୀ ଗୋବିନ୍ଦ ନାଗ, ବରଗଡ଼ ଆରଏମସି ଭାଇସ ଚେୟାରମ୍ୟାନ ସୁକାନ୍ତ ଦାଶ, ଠିକାଦାର ସଂଘ ସଭାପତି ସୁଧାଂଶୁ ଗଡ଼ତିଆ, ସରୋଜ ମହାପାତ୍ର, ଶୁକ୍ରୂ ସାହୁ, ଅମିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ପତ୍ନୀ ବିୟୋଗ



**ବଲାଙ୍ଗିର, ୧୧ ।୨(ସମିସ):** ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶୋଭାଗିନୀ ବେହେରାଙ୍କ ୭୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। କିଛି ମାସ ହେଲା ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ରାଜ୍ୟ ବାହାରେ ତାଙ୍କ ଚିକିତ୍ସା କରାଯାଉଥିଲା। ୨ ମାସ ହେଲା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ସେ ଭର୍ତ୍ତି ହୋଇଥିଲେ; ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ଆସି ନ ଥିଲା।

## ବୈଠକରେ ଶୋଇ ପଡ଼ିଲେ ବିଡିଓ

**ବ୍ଲକ୍ ଉପାଧ୍ୟକ୍ଷ ମଧ୍ୟ ଶୋଇଗଲେ**



**ବୌଦ୍ଧ, ୧୧ ।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି ସମ୍ମିଳନ କକ୍ଷରେ ବୁଧବାର ଜିଲ୍ଲା ପ୍ଲାନିଂ ଆଣ୍ଡ ମନିଟରିଂ ୟୁନିଟ ପକ୍ଷରୁ ଆୟୋଜିତ (ଏସଡିଜି) ସମ୍ବନ୍ଧୀୟ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ପ୍ରଶିକ୍ଷଣ ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଭଳି ବିଭିନ୍ନ ଦିଗରେ ଆଲୋଚନା କରାଯଇଥିଲା। ତେବେ ପ୍ରଶିକ୍ଷଣ ଶିବିର ଚାଲୁଥିବା ସମୟରେ ହରଭଙ୍ଗା ବିଡିଓ ବିଜୟ ପ୍ରଧାନ ଓ ବ୍ଲକ୍ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ ଶୋଇ ପଡିଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଦୃଶ୍ୟ ଏବେ ବେଶ୍ ଭାଇରଲ ହେବାରେ ଲାଗିଛି। ଅନ୍ୟପଟେ ପ୍ରଶିକ୍ଷଣ ସଭା ଚାଲିଥିବା ବେଳେ ଅନ୍ୟ କେତକ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କ ଆଗ୍ରହ ନ ଥିବା ଭିଡିଓରୁ ଅନୁମାନ କରାଯାଉଛି।

## ବୋଲେରୋରୁ ୧ କୁଇଣ୍ଟାଲ ୭୨ କେଜି ଗଞ୍ଜେଇ ଜବତ

**● ଜଣେ ଗିରଫ**




**କନ୍ଧମାଳ, ୧୧ ।୨(ସମିସ):** କନ୍ଧମାଳ ଥାନା ଅଧୀନ ତିକିମାଳ ଛକରେ ଏକ ବୋଲେରୋରୁ ପୁଲିସ ବିପୁଳ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା କ୍ରାଣ୍ଡିବାହାଲି ଗ୍ରାମର ଶ୍ରୀକାନ୍ତ ଦିଗାଲକୁ ପୁଲିସ ଗିରଫ କରିଛି। ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ପରେ ଏହା ୧ କୁଇଣ୍ଟାଲ ୭୨ କେଜି ହୋଇଥିଲା। କନ୍ଧମାଳ ଥାନା ଅଧିକାରୀ ବସୁଦେବ ଭୋଇ, ଏସ୍‌ଆଇ ପ୍ରକାଶ ଭୋଇ, ଏଏସ୍‌ଆଇ ଅଭୟ ପ୍ରଧାନ, ହାବିଲଦାର ହିମାଂଶୁ ଡାଙ୍ଗ, ହାବିଲଦାର ମାନସ ପ୍ରଧାନ, ହୋମ୍‌ଗାର୍ଡ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ।

## ବଚସାରୁ ଛୁରାମାଡ଼: ଜଣେ ମୃତ, ଦୁଇ ଗୁରୁତର

**ବିନିକା, ୧୧ ।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ନୂଆପଡ଼ାରେ ବଚସାରୁ ଛୁରାମାଡ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଛି। ଦୁଇ ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ବ୍ୟକ୍ତିଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଘଟଣାରେ ପୁଲିସ ଜଣକୁ ଅଟକ ରଖିଛି। ପୁଲିସ ସୂଚନା ଅନୁସାରେ ହରିଜନ ପଡ଼ାର ଟୁନୁ ରନବିଡ଼ା, ରାକେଶ ଭେସ୍ରା ଓ ଅମିତ୍ ଭରାସାଗରଙ୍କ ସହ ନୂଆପଡ଼ାର ସୋମନାଥ ମେହେରଙ୍କ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ତାହା ଉଗ୍ର ରୂପ ଧାରଣ କରିଥିଲା। ହରିଜନପଡ଼ାର ୩ ଜଣ ମିଶି ନୂଆପଡ଼ାର ସୋମନାଥଙ୍କୁ ଆକ୍ରମଣ କରିଥିଲେ। ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ହରିଜନପଡ଼ାର ଟୁନୁ ଓ ଅମିତକୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ରାକେଶକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି।

## ମେହେରୁଣୀ ପୋଲ ନିକଟରେ କାର୍ ଦୁର୍ଘଟଣା

**ଶଗଡା, ୧୧ ।୨(ସମିସ):** ମନମୁଣ୍ଡା ଶଗଡା ରାସ୍ତାର ଗୁଡଭେଲିପଦର ମେହେରୁଣୀ ପୋଲ ବୁଲାଣି ନିକଟରେ ମଙ୍ଗଳବାର ରାତିରେ ଏକ କାର (ଓଡି ୧୫ୟୁ ୦୬୬୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାରର ଅଧିକାଂଶ ଅଂଶ ଭାଙ୍ଗି ଯାଇଛି। ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମନମୁଣ୍ଡା ପଟୁ ଯାଉଥିବା ଏକ ବରଯାତ୍ରୀ ଗାଡି ସହ କାରଟି ଧକ୍କା ହୋଇ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବୁଧବାର ସକାଳୁ ମନମୁଣ୍ଡା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାର ଛାଡି ଚାଳକ ଫେରାର ମାରିଥିବା ବେଳେ ଗାଡିକୁ ପୁଲିସ ଜବତ କରିଛି।

**● ଭାଲିଆପଦରରେ ସଶସ୍ତ୍ର ଡକାୟତି**

## ବୋମା ପକାଇ ଲୁଟିନେଲେ ସୁନା ଗହଣା

**ବୌଦ୍ଧ, ୧୧ ।୨(ସମିସ):** ବୌଦ୍ଧ ଥାନା ମୁରୁଶୁଣି ପଞ୍ଚାୟତ ଭାଲିଆପଦରରେ ସଶସ୍ତ୍ର ଡକାୟତି ହୋଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ୧୦ରୁ ଅଧିକ ଡକାୟତ ଛତନିଆକଟା-ମୁର୍ଶୁଣ୍ଡି ରାସ୍ତାର ଭାଲିଆପଦର ନିକଟରେ ଥିବା ଦେବବ୍ରତ ମିଶ୍ରଙ୍କ ଘରେ ପଶିଥିଲେ। ବୋମା ପକାଇ ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ମହିଳାମାନଙ୍କ ଗୋଡ ହାତ ବାନ୍ଧି ଦେଇଥିଲେ। ଏହାପରେ ଘରେ ଥିବା ସୁନା ରୁପା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପରିବାରର ସଦସ୍ୟଙ୍କ ହାତ ଗୋଡ ବାନ୍ଧି ମାଡ ମାରିଥିବା ମଧ୍ୟ ସେମାନେ ପ୍ରକାଶ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ପୁଲିସ୍ ସାଇଣ୍ଟିଫିକ ଟିମ୍ ନେଇ ତଦନ୍ତ ଆରମ୍ଭ କରିଛି। ଘଟଣା ସ୍ଥଳରେ ଏସ୍‌ପି ରାହୁଲ ଗୋୟେଲ, ଡିଏସ୍‌ପି ରରେନ୍ଦ୍ର ରାଉତରାୟ ଓ ଆଇଆଇସି ନଳିନୀକାନ୍ତ ଦାସ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି।

## ଘାଟିରୁ ଖସିଲା ଯାତ୍ରୀବାହୀ ବସ୍

**● ୧୦ରୁ ଅଧିକ ଯାତ୍ରୀ ଆହତ**

**ହରଭଙ୍ଗା, ୧୧ ।୨(ସମିସ):** ବୌଦ୍ଧ ଜିଲ୍ଲା ଆଡେଣିଗଡ଼ ଫାଣ୍ଡି ଅଧୀନ ବାରିଙ୍ଗ ଝିଲିମିଲି ଘାଟିରେ ଜେମା ନାମକ ଏକ ଯାତ୍ରୀବାହି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିଳମ୍ବିତ ରାତିରେ ଗାଡିଟି ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା; ହେଲେ ଘାଟି ଚଢିବା ସମୟରେ ହଠାତ ଗାଡିର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହାଫଳରେ ଗାଡିଟି ଭାରସାମ୍ୟ ହରାଇ ଘାଟିରୁ ୨୦ଫୁଟ ତଳକୁ ଖସି ପଡିଥିଲା। ଗାଡିରେ ଥିବା ୩୦ରୁ ୩୫ଯାତ୍ରୀଙ୍କ ମଧ୍ୟରୁ ୧୦ଜଣ ଯାତ୍ରୀ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବାଣୀଗୋଛା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖବର ପାଇ ପୁଲିସ ମଧ୍ୟ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା।

## ଯୁବକଙ୍କୁ ଛୁରାମାଡ଼ ଘଟଣାର ଅଭିଯୁକ୍ତ ଗିରଫ



**ଶଗଡା, ୧୧ ।୨(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ଜାତୀୟ ରାଜପଥର ବାଉଁଶୁଣି ଥାନା ଅଧୀନ ସାହାଜପାଲ ନିକଟରେ ଏକ ଚଳନ୍ତା ବସ୍ ଭିତରେ ଜଣେ ଯୁବକଙ୍କୁ ଛୁରାମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ବୌଦ୍ଧ ଥାନା ଶାମ୍ପୁଚ ଗ୍ରାମର ମାନସ ବାଘ। ତତର୍କିଲା ଗ୍ରାମର ସାଗର ତାଣ୍ଡିଆ ଏହି ଛୁରାମାଡ଼ର ଶିକାର ହୋଇଥିଲେ। ବସ୍‌ରେ ଜଣେ ଯୁବତୀଙ୍କୁ ଅଭିଯୁକ୍ତ ଅସଦାଚରଣ କରିଥିଲା। ମାନସ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଛୁରାମାଡ଼ କରିଥିଲା।

# ଦ୍ୱିତୀୟ ଦିନରେ କୃଷକ ସଂଗଠନର ଧାରଣା

**ଅମ୍ବାଭୋନା, ୧୧ ।୨(ସମିସ)**



ପଞ୍ଜିକରଣରୁ ବାଦ ପଡ଼ିଥିବା ଚାଷୀଙ୍କ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ମଙ୍ଗଳବାର ଆଲୋଚନା ମୁତାବକ ବରା ମଣ୍ଡିରୁ ଆନୁପାତିକ ଧାନ ଉଠିବାର ଥିଲା; ହେଲେ କେବଳ ପଟି ଟ୍ରକ୍‌ରେ ୮୦୦ ଶହ ବସ୍ତା ଧାନ ଉଠିଛି। ଗୁରୁବାର ଭାରତ ବନ୍ଦ ଫଳରେ ଧାନ ଉଠିବା ଅସମ୍ଭବ। ପ୍ରଶାସନ କଥା ଦେଇ କଥା ରଖି ନ ଥିବା ଆନ୍ଦୋଳନକାରୀ କହିଛନ୍ତି। ପଞ୍ଜିକରଣରୁ ବାଦ ପଡ଼ିଥିବା ଚାଷୀଙ୍କ ପ୍ରସଙ୍ଗରେ କୌଣସି ଆଲୋଚନା ହୋଇନାହିଁ। କୌଣସି ଅଧିକାରୀ ମଧ୍ୟ ଚାଷୀଙ୍କ ସହ କଥା ହେବା ପାଇଁ ଆସିନାହାନ୍ତି। ସରକାରଙ୍କ ଧାନ ସଂଗ୍ରହ ନୀତିକୁ ଆହୁରି ଲୋକାଭିମୁଖୀ ଏବଂ ପାରଦର୍ଶୀ କରିବା ପାଇଁ ପ୍ରତେକ ମଣ୍ଡିରେ ଜଣେ ଜଣେ ଅଫିସରଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଠିକ୍ ସେହିପରି ଅମ୍ବାଭାନା ବ୍ଲକ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବ୍ଲକ ମଣ୍ଡି ପରିଚାଳନା ଦାୟିତ୍ୱ ମିଳିଛି। ତାଙ୍କ ଅଫିସ ସମ୍ମୁଖରେ ଚାଷୀମାନେ ଧାନ ପକାଇ ୨ ଦିନ ହେବ ଧାରଣାରେ ବସିଛନ୍ତି। ଗୁରୁବାର ଭାରତ ବନ୍ଦ ଅବସରରେ ଆନ୍ଦୋଳନ ଆହୁରି ଉଗ୍ର ନ କରି ଶୁକ୍ରବାର ଆନ୍ଦୋଳନ ତୀବ୍ର କରିବା ପାଇଁ ସାମୂହିକ ନିଷ୍ପତ୍ତି ନିୟଯାଇଛି। ତା ସହ ବରା ମଣ୍ଡିରେ ପଡ଼ିରହିଥିବା ହଜାର ହଜାର ଧାନ ବସ୍ତା ଉଠାଇବା, ବିନା କଟନୀଛଟନୀରେ ଟୋକନ ଥିବା ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥା କରିବା ଦାବିକୁ ଚାଷୀ ଦୋହରାଇଛନ୍ତି। ପ୍ରଶାସନ ପକ୍ଷରୁ ଏହି ଆନ୍ଦୋଳନର ଗୁରୁତ୍ୱକୁ ଠିକ୍ ଭାବରେ ନ ବୁଝି ତାହାର ସମାଧାନ ନ କଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ବାରପାହାଡ କୃଷକ ସଂଗଠନ ସଭାପତି ଇସାନ ଚନ୍ଦ୍ର ଭୋଇ, ଉପଦେଷ୍ଟା ରମେଶ ମହାପାତ୍ର, ଅଭିମନ୍ୟୁ ସାହୁ, ଭୀଷ୍ମ ଦେବ ଦୁଆନ, ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନର ଇମାନୁଏଲ ଦତ୍ତ ରଣବୀର, ରାଜେନ୍ଦ୍ର ଦେହେରୀ, ପ୍ରକାଶ ଚନ୍ଦ୍ର ବେହେରା ପହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଟଲି କୃଷକ ପରିବାର ସଭାପତି ଥବୀର ସାହୁ, ଦଶମାଇଲ ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ରବିଶଙ୍କର ପଧାନ ଉପସ୍ଥିତ ଥିଲେ।

# ସନ୍ଥକବି ଭୀମଭୋଇଙ୍କ ଅଖଣ୍ଡ ମହାଯଜ୍ଞ

**ରେଢ଼ାଖୋଲ, ୧୧ ।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ କଦଳୀଗଡ଼ ପଞ୍ଚାୟତ ଅଧୀନ ପଣ୍ଡକିମାଳ ଗ୍ରାମରେ ବୁଧବାର ଭୀମଭୋଇଙ୍କ ଅଖଣ୍ଡମହାଯଜ୍ଞ ଓ ବାଲ୍ୟଲିଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଖେଳପଡ଼ିଆଠାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ତଥା ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଆଠମଲ୍ଲିକ ବିଧାୟକ ରମେଶ ସାଏ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଉପସ୍ଥିତ ରହିଥିଲେ। ଭୀମଭୋଇ ମାଟିରେ ଥିବା ସମସ୍ତ ମଠ ମନ୍ଦିର ଗୁଡ଼ିକର ଉନ୍ନତିକରଣ ଓ କେରାଣ୍ଡି ଯୋର ଉପରେ ୧୬ କୋଟି ଟଙ୍କାର ଏକ ସେତୁ ନିର୍ମାଣ କରାଯିବ। ଏଥିସହିତ ଗାଁ ରାସ୍ତାର ଉନ୍ନତିକରଣ ସାଙ୍ଗକୁ ଗାଁ ପୋଖରୀକୁ ଆଦର୍ଶ ପୋଖରୀରେ ପରିଣତ କରାଯିବ ବୋଲି ସଭାରେ ମନ୍ତ୍ରୀ ଶ୍ରୀ ନାଏକ ଘୋଷଣା କରିଥିଲେ। ଅଖଣ୍ଡ ଧୁନି ମଣ୍ଡପରେ ସାଧୁସନ୍ଥଙ୍କ ଉପସ୍ଥିତିରେ ରିତିନୀତି ମୁତାବକ ଅଖଣ୍ଡ ବ୍ରହ୍ମ ଧୂନି ସ୍ଥାପନ, ନାମ ଭଜନ ସଙ୍କୀର୍ତ୍ତନ, ଅପରାହ୍ନରେ ଏକୋଇଶ ଶାଖା ଝାଡ଼ବତୀ ପ୍ରଜ୍ୱଳନ, ବାଲ୍ୟଲୀଳା ଅର୍ପଣ ଓ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ମଧୁସୂଦନ ସାହୁ ସଭା ପରିଚାଳନା କରିଥିବା ବେଳେ ସଭାପତି ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



